**ଦେସା ସିଂହ**

**ବନାମ**

**ଅଜିତ ସିଂହ ଏବଂ ଅନ୍ୟମାନେ**

**ଡିସେମ୍ବର 8, 2006**

**[ଡ. ଅରିଜିତ ପଶାୟତ ଏବଂ ଏସ୍. ଏଚ୍. କପାଡ଼ିଆ, ନ୍ୟାୟମୂର୍ତ୍ତିଦ୍ୱୟ]**

*କାର୍ଯ୍ୟପଦ୍ଧତି ଏବଂ ପ୍ରକ୍ରିୟା - ନିୟନ୍ତ୍ରଣ ବାହାରେ ଥିବା କାରଣରୁ ଦ୍ୱିତୀୟ ଆବେଦନରେ ଆବେଦନକାରୀଙ୍କ ତରଫରୁ ଉପସ୍ଥିତି ନହେବା - ଆବେଦନକାରୀଙ୍କ ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଯୋଗ୍ୟତା ଆଧାରରେ ନିର୍ଣ୍ଣୟ - ଏହାର ସଠିକତା - ଏହା ବିଚାର କରାଯାଇଥିଲା ଯେ: ଅନୁପସ୍ଥିତି କାରଣରୁ ଉଚ୍ଚ ନ୍ୟାୟାଳୟ ଏହି ମାମଲାଟିକୁ ଖାରଜ କରିଦେବା ଉଚିତ୍ ଥିଲା - ତେଣୁ, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶଟିକୁ ରଦ୍ଦ କରିଦିଆଯାଇଛି ଏବଂ ମାମଲାଟିକୁ ଫେରସ୍ତ କରିଦିଆଯାଇଛି ।*

**ଏହି ଆବେଦନରେ ବିଚାର ପାଇଁ ଯେଉଁ ପ୍ରଶ୍ନ ଉଠିଥିଲା ତାହା ଏହା ଥିଲା ଯେ ଦ୍ୱିତୀୟ ଆବେଦନରେ ଯେତେବେଳେ ଅପ୍ରତ୍ୟାଶିତ ପରିସ୍ଥିତି କାରଣରୁ ଆବେଦନକାରୀଙ୍କ ତରଫରୁ କେହି ଉପସ୍ଥିତ ହୋଇନଥିଲେ, ସେବେ ଉଚ୍ଚ ନ୍ୟାୟାଳୟ ଯୋଗ୍ୟତା ଆଧାରରେ ନିଷ୍ପତ୍ତି ନେବାରେ ଅଗ୍ରସର ହେବାରେ ଠିକ୍ ଥିଲେ କି ନାହିଁ ।**

**ଏହି ଆବେଦନର ଫଏସଲା କରି ନ୍ୟାୟାଳୟ ଏହା ବିଚାର କରିଥିଲେ:**

**ଯେତେବେଳେ ଏହି ମାମଲା ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖକୁ ଆସିଥିଲା, ସେତେବେଳେ ନିୟନ୍ତ୍ରଣ ବାହାରେ ଥିବା ପରିସ୍ଥିତି କାରଣରୁ ଆବେଦନକାରୀଙ୍କ ଦ୍ୱାରା କୌଣସି ପ୍ରତିନିଧିତ୍ୱ ହୋଇନଥିଲା ଏବଂ ମାମଲାର ନିଷ୍ପତ୍ତି ସେମାନଙ୍କ ବିରୁଦ୍ଧରେ ନିଆଯାଇଥିଲା । ସାଧାରଣତଃ ଯେତେବେଳେ ଆବେଦନକାରୀଙ୍କୁ ପ୍ରତିନିଧିତ୍ୱ କରାଯାଏ ନାହିଁ, ଉଚ୍ଚ ନ୍ୟାୟାଳୟ ଏହାକୁ ଅନୁପସ୍ଥିତି କାରଣରୁ ଖାରଜ କରିଦେଇଥାନ୍ତି ଏବଂ ଯୋଗ୍ୟତା ବିଷୟରେ ବିସ୍ତୃତ ଭାବରେ ବିଚାର କରିନଥାନ୍ତି । ତେଣୁ, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ରଦ୍ଦ କରାଯାଇଛି ଏବଂ ଯୋଗ୍ୟତା ଆଧାରରେ ନୂତନ ଶୁଣାଣି ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟଙ୍କୁ ପଠାଯାଇଛି ।**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 5663/2006 ।

ଆର୍. ଏସ୍. ଏ. ସଂଖ୍ୟା 8/1981 ରେ ଏବଂ ଆର୍. ଏସ୍. ଏ. ସଂଖ୍ୟା 8/1981 ର ସି.

ଏମ୍. ସଂଖ୍ୟା. 13908-C/2003 ରେ ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ଯଥାକ୍ରମେ 22.10.2002 ଏବଂ 7.5.2004 ତାରିଖର ଚୂଡ଼ାନ୍ତ ରାୟ ଏବଂ ଆଦେଶଗୁଡ଼ିକରୁ ଆବେଦନ ।

ଆବେଦନକାରୀଙ୍କ ତରଫରୁ ଅମ୍ରିତ୍ ଲାଲ୍ ଜୈନ୍, ଧୀରଜ ଏବଂ ପି. ଏନ୍. ପୁରୀ ।

ଉତ୍ତରଦାତାମାନଙ୍କ ତରଫରୁ ଅଜୟ ଜୈନ୍, ଜିନେନ୍ଦ୍ର ଜୈନ୍, ଜି. ରବି ଶଙ୍କର ଏବଂ କମଳେନ୍ଦ୍ର ମିଶ୍ର ।

ନ୍ୟାୟାଳୟଙ୍କ ରାୟ ନ୍ୟାୟମୂର୍ତ୍ତି ଡ. ଅରିଜିତ ପଶାୟତଙ୍କ ଦ୍ୱାରା ଦିଆଯାଇଥିଲା । ଅନୁମତି ପ୍ରଦାନ କରାଗଲା ।

ଦାଖଲ ହୋଇଥିବା ଦ୍ୱିତୀୟ ଆବେଦନକୁ ଖାରଜ କରି ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ଜଣେ ବିଜ୍ଞ ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ଦିଆଯାଇଥିବା ରାୟର ସଠିକତାକୁ ଏହି ଆବେଦନଗୁଡ଼ିକରେ ଆପତ୍ତି କରାଯାଇଛି । ଯଦିଓ ଆବେଦନକାରୀଙ୍କ ତରଫରୁ ବିଜ୍ଞ ଓକିଲଙ୍କ ଅନୁପସ୍ଥିତିରେ ଆବେଦନ ଉପରେ ନିଷ୍ପତ୍ତି ନିଆଯାଇଥିଲା, ତଥାପି ଉଚ୍ଚ ନ୍ୟାୟାଳୟ ଯୋଗ୍ୟତା ଆଧାରରେ ମାମଲାର ନିଷ୍ପତ୍ତି ନେବାକୁ ଅଗ୍ରସର ହୋଇଥିଲେ ।

ଆବେଦନକାରୀଙ୍କ ତରଫରୁ ବିଜ୍ଞ ଓକିଲ କହିଥିଲେ ଯେ ଦେୱାନୀ ପ୍ରକ୍ରିୟା ସଂହିତା, 1908 (ସଂକ୍ଷେପରେ, ସିପିସି) ର ନିୟମ 27 ର ଆଦେଶ XLI ଅନୁଯାୟୀ ଏକ ଆବେଦନ ଦାଖଲ କରାଯାଇଥିଲା । ଆବେଦନ ଗ୍ରହଣ ସମୟରେ ଓକିଲ ଶ୍ରୀ ଈଶ୍ୱରୀ ପ୍ରସାଦଙ୍କୁ ଆବେଦନକାରୀଙ୍କ ଦ୍ୱାରା ପ୍ରଥମେ ନିଯୁକ୍ତ କରାଯାଇଥିଲା । ବାର୍ଦ୍ଧକ୍ୟ କାରଣରୁ ସେ ଓକିଲାତିରୁ ଅବସର ନେଇଥିଲେ । ଏହାପରେ ଅନ୍ୟ ଜଣେ ବିଜ୍ଞ ଓକିଲ ଶ୍ରୀ ସୁଶୀଲ କୁମାର ଗୋୟଲ ଏବଂ ତାଙ୍କ ପୁତ୍ର ଶ୍ରୀ ଏସ୍. ବି. ଗୋୟଲଙ୍କୁ ନିଯୁକ୍ତ କରାଯାଇଥିଲା । ଦୁର୍ଭାଗ୍ୟବଶତଃ, ଶ୍ରୀ ଏସ୍. ବି. ଗୋୟଲଙ୍କର 2001 ମସିହାରେ ଦେହାନ୍ତ ହୋଇଥିଲା ଏବଂ ତାହା ପରେ ଶ୍ରୀ ସୁଶୀଲ କୁମାର ଗୋୟଲ ମଧ୍ୟ ଓକିଲାତିରୁ ଅବସର ନେଇଥିଲେ । ଯେତେବେଳେ ମାମଲାଟି 22.10.2002 ତାରିଖରେ ତାଲିକାଭୁକ୍ତ ହୋଇଥିଲା, ଉପରୋକ୍ତ ଅପ୍ରତ୍ୟାଶିତ ପରିସ୍ଥିତି ହେତୁ ଆବେଦନକାରୀଙ୍କ ତରଫରୁ କୌଣସି ଉପସ୍ଥିତି ହୋଇନଥିଲା । ଏହିପରି ଭାବେ ମାମଲାଟି ତାଲିକାଭୁକ୍ତ ହେବା ସମୟରେ କୌଣସି ପ୍ରତିନିଧିତ୍ୱ ହୋଇନଥିଲା । ଦୁର୍ଭାଗ୍ୟବଶତଃ, ବିଚାର ପାଇଁ ରଖାଯାଇଥିବା ସମସ୍ତ ପ୍ରାସଙ୍ଗିକ ଦିଗ ବିଷୟରେ ଉଲ୍ଲେଖ ନକରି ଉଚ୍ଚ ନ୍ୟାୟାଳୟ ଯୋଗ୍ୟତା ଆଧାରରେ ଏହି ମାମଲାର ନିଷ୍ପତ୍ତି ନେଇଥିଲେ ।

ଉତ୍ତରଦାତାମାନଙ୍କ ପାଇଁ ବିଜ୍ଞ ଓକିଲ କହିଥିଲେ ଯେ ଯଦିଓ ଆବେଦନକାରୀଙ୍କୁ ପ୍ରତିନିଧିତ୍ୱ କରାଯାଇ ନଥିଲା, ତଥାପି ଉଚ୍ଚ ନ୍ୟାୟାଳୟ ଅଭିଲେଖଗୁଡ଼ିକୁ ଅନୁଧ୍ୟାନ କରିଥିଲେ ଏବଂ ମାମଲାର ନିଷ୍ପତ୍ତି ନେଇଥିଲେ ।

ଯେହେତୁ ବାସ୍ତବ ପରିଦୃଶ୍ୟ, ଯାହା ପ୍ରାୟ ନିର୍ବିବାଦିତ ଅଟେ, ତାହା ଦର୍ଶାଏ ଯେ, ଯେତେବେଳେ ଏହି ମାମଲାଟିକୁ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖକୁ ନିଆଯାଇଥିଲା ସେତେବେଳେ କୌଣସି ପ୍ରତିନିଧିତ୍ୱ ହୋଇନଥିଲା । ଆବେଦନକାରୀଙ୍କ ନିୟନ୍ତ୍ରଣ ବାହାରେ ଥିବା ପରିସ୍ଥିତି କାରଣରୁ କୌଣସି ଉପସ୍ଥିତି ହୋଇନଥିଲା ଏବଂ ସେମାନଙ୍କ ବିରୁଦ୍ଧରେ ମାମଲାର ନିଷ୍ପତ୍ତି ନିଆଯାଇଥିଲା । ସାଧାରଣତଃ, ଯେତେବେଳେ ଆବେଦନକାରୀଙ୍କୁ ପ୍ରତିନିଧିତ୍ୱ କରାଯାଇ ନଥାଏ, ଉଚ୍ଚ ନ୍ୟାୟାଳୟ ଏହାକୁ ଅନୁପସ୍ଥିତି କାରଣରୁ ଖାରଜ କରିଥାନ୍ତି ଏବଂ ଯୋଗ୍ୟତା ବିଷୟରେ ବିସ୍ତୃତ ଭାବରେ ବିଚାର କରିନଥାନ୍ତି । ବର୍ତ୍ତମାନର ମାମଲାରେ ଠିକ୍ ତାହା ହିଁ କରାଯାଇନାହିଁ ।

ଏହି ବିଶେଷ ପରିସ୍ଥିତିରେ, ଆମ୍ଭେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ରଦ୍ଦ କରୁଛୁ ଏବଂ ଯୋଗ୍ୟତା ଆଧାରରେ ନୂତନ ଶୁଣାଣି ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟଙ୍କୁ ପଠାଉଛୁ ।

ଆବେଦନକାରୀଙ୍କ ତରଫରୁ ବିଜ୍ଞ ଓକିଲ କହିଛନ୍ତି ଯେ ଏକ ମାସ ମଧ୍ୟରେ ଅନ୍ୟ ଜଣେ ଓକିଲ ନିଯୁକ୍ତ ହେବେ । ଛଅ ସପ୍ତାହର ଅବଧି ପରେ ଏହି ମାମଲାଟି ଉପଯୁକ୍ତ ବିଚାରପୀଠଙ୍କ ସମ୍ମୁଖରେ ତାଲିକାଭୁକ୍ତ ହେବ ।

ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ନଦେଇ ଉପରୋକ୍ତ ସୀମା ପର୍ଯ୍ୟନ୍ତ ଆବେଦନଗୁଡ଼ିକର ଫଏସଲା କରାଯାଇଛି ।

ଆବେଦନଗୁଡ଼ିକର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।